# ବାଙ୍ଗାଲୋର ମହାନଗର ପରିବହନ ନିଗମ

ବନାମ

ପଦ୍ମା ଏବଂ ଅନ୍ୟମାନେ

( ଦେୱାନୀ ଆବେଦନ ସଂଖ୍ୟା 1251/2009 )

ଫେବୃଆରୀ 25,2009

**[ଡକ୍ଟର ଅରିଜିତ ପାଶାୟତ ଏବଂ ଡକ୍ଟର ମୁକୁନ୍ଦକମ୍ ଶର୍ମା, ନ୍ୟାୟମୂର୍ତ୍ତିଦ୍ୱୟ]**

*ମୋଟର ଯାନ ଅଧିନିୟମ, 1988 - ଧାରା 166 - ମର୍ମନ୍ତୁଦ ଦୁର୍ଘଟଣା - ମୃତକ ହେଉଛନ୍ତି 53 ବର୍ଷ ବୟସ୍କ ଜଣେ ବ୍ୟକ୍ତି ରାଜ୍ୟ ସରକାରରେ ସ୍ଥାୟୀ କର୍ମଚାରୀ ଥିଲେ ଏବଂ ଅନ୍ୟାନ୍ୟ ସୁବିଧା ସହିତ Rs.12,239/- ଟଙ୍କା ଦରମା ପାଉଥିଲେ - କ୍ଷତିପୂରଣ ପାଇଁ ଦାବି - ତଥ୍ୟ ଉପରେ , ନିର୍ଣ୍ଣୟ ନିଆଗଲା : ଉପଯୁକ୍ତ ଗୁଣକ ହେବ 8 - ସେହି ଆଧାରରେ ଆଶ୍ରିତ ଜନିତ କ୍ଷତିପୂରଣ Rs 7. 83 ଲକ୍ଷ ଟଙ୍କା ହେବ - କିନ୍ତୁ ଦାବି କରିବା ତାରିଖ ଠାରୁ ବାର୍ଷିକ 6 ପ୍ରତିଶତ ହାରରେ ସୁଧ ସହିତ Rs 8.53 ଲକ୍ଷ ଟଙ୍କାର କ୍ଷତିପୂରଣ ସ୍ଥିର କରାଗଲା ।*

**ଉତ୍ତରଦାତା ସଂଖ୍ୟା 1 ଙ୍କର ସ୍ୱାମୀଙ୍କୁ ଆବେଦନକାରୀ ନିଗମର ଏକ ବସ୍ ଧକ୍କା ଦେଇଥିଲା ଏବଂ ଫଳସ୍ୱରୂପ ତାଙ୍କର ମୃତ୍ୟୁ ଘଟିଥିଲା । ଘଟଣା ସମୟରେ, ମୃତକଙ୍କ ବୟସ ପାଖାପାଖି 53 ବର୍ଷ ଥିଲା ଏବଂ ସେ ରାଜ୍ୟ ସରକାରରେ ଜଣେ ସ୍ଥାୟୀ କର୍ମଚାରୀ ଥିଲେ, ଯିଏକି ସେବାର ଅନ୍ୟାନ୍ୟ ସୁବିଧା ସହିତ ପ୍ରତି ମାସରେ Rs.12,239/-ଟଙ୍କା ଦରମା ପାଉଥିଲେ । ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ 12 ଗୁଣକ ଆଧାରରେ ପ୍ରାୟ Rs.11 ଲକ୍ଷ କ୍ଷତିପୂରଣ ପ୍ରଦାନ କରିଥିଲେ । ଏହି ଆଦେଶକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବଜାୟ ରଖାଯାଇଥିଲା । ତେଣୁ ବର୍ତ୍ତମାନର ଏହି ଆବେଦନ ।**

**ଏହି ଆବେଦନକୁ ଫଇସଲା କରିବାରେ ଏହି ନ୍ୟାୟାଳୟ**

**ରାୟ ଦେଲେ ଯେ : ଦୁର୍ଘଟଣା ଦିନ ମୃତଙ୍କ ବୟସ ପାଖାପାଖି 53 ବର୍ଷ ଥିଲା । ତେଣୁ ଉପଯୁକ୍ତ ଗୁଣକ 8 ହେବ । ସେହି ଆଧାରରେ ଆଶ୍ରିତ ଜନିତ କ୍ଷତିପୂରଣ Rs 7,83,296/- ଟଙ୍କା**

**ହେବ । କ୍ଷତିପୂରଣ ରାଶି Rs 8,53,296/- ଟଙ୍କା ସ୍ଥିର କରାଯାଇଛି । ଦାବି କରିବା ତାରିଖ ଠାରୁ ଏହି ରାଶି ଉପରେ ବାର୍ଷିକ 6 ପ୍ରତିଶତ ହାରରେ ସୁଧ ଲାଗୁ ହେବ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1251/2009 ।

ବିବିଧ ପ୍ରଥମ ଆବେଦନ ସଂଖ୍ୟା 2536/2002 (MV) ରେ ବାଙ୍ଗାଲୋର ସ୍ଥିତ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କର 29.10.2007 ତାରିଖର ରାୟ/ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଏସ୍. ଏନ୍. ଭଟ ।

**ନ୍ୟାୟମୂର୍ତ୍ତି ଡକ୍ଟର ଅରିଜିତ ପଶାୟତ**ଙ୍କ ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

1. ଅନୁମତି ପ୍ରଦାନ କରାଗଲା ।

2. ମୋଟର ଯାନ ଅଧିନିୟମ, 1988 (ସଂକ୍ଷେପରେ ଅଧିନିୟମ ') ର ଧାରା 173 ଅନୁଯାୟୀ ଦାଖଲ ହୋଇଥିବା ଆବେଦନକୁ ଖାରଜ କରି କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ ର ଏକ ଖଣ୍ଡପୀଠଙ୍କର ରାୟକୁ ଏହି ଆବେଦନରେ ଆପତ୍ତି କରାଯାଇଛି । ବାଙ୍ଗାଲୋର ସ୍ଥିତ ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣଙ୍କ (ସଂକ୍ଷେପରେ 'MACT') ଦ୍ୱାରା ଦିଆଯାଇଥିବା ଅଧିନିର୍ଣ୍ଣୟ ଉପରେ ଏହି ଆବେଦନରେ ପ୍ରଶ୍ନ କରାଯାଇଥିଲା । ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ ଏହାର 16.2.2002 ତାରିଖର ଅଧିନିର୍ଣ୍ଣୟ ଦ୍ୱାରା କ୍ଷତିପୂରଣ ବାବଦକୁ Rs. 11,04,032/- ଟଙ୍କାର ଅଧିନିର୍ଣ୍ଣୟ ରାଶି ପ୍ରଦାନ କରିଥିଲେ ।

3. କ୍ଷତିପୂରଣ ପାଇଁ ଦାବିଦାରଙ୍କ ଦ୍ୱାରା ଉପସ୍ଥାପିତ ଆବେଦନକୁ ସୃଷ୍ଟି କରିଥିବା ପୃଷ୍ଠଭୂମି ତଥ୍ୟ ନିମ୍ନରେ ଦିଆଗଲା :

14.12.1998 ତାରିଖରେ ରାତି 8ଟା 40 ମିନିଟରେ ଜଣେ ଟି. ଏସ୍. ସି. ଶେଖର, ଯିଏ କି ଦାବିଦାର ସଂଖ୍ୟା 1ଙ୍କ ର ସ୍ୱାମୀ ଏବଂ ଦାବିଦାର ସଂଖ୍ୟା 2ଙ୍କ ର ପିତା ଏବଂ ଦାବିଦାର ସଂଖ୍ୟା 3 ର ପୁତ୍ର ଥିଲେ, ତାଙ୍କୁ ବାଙ୍ଗାଲୋରର ବି. ଏମ୍. ଟି. ସି. ବସ୍ ଷ୍ଟାଣ୍ଡରେ ଥିବାବେଳେ ଏହାର ଡ୍ରାଇଭରଙ୍କ ଦ୍ୱାରା ବେପରୁଆ ଏବଂ ଅବହେଳା ଢଙ୍ଗରେ ପରିଚାଳିତ ହୋଇଥିବା ପଞ୍ଜିକରଣ ସଂଖ୍ୟା KA-01- F-300 ବିଶିଷ୍ଟ ବି. ଏମ୍. ଟି. ସି. ର ବସ୍ ଧକ୍କା ଦେଇଥିଲା । ଏଭଳି ଆଘାତ

କାରଣରୁ ସେ ତଳେ ପଡ଼ି ଆହତ ହୋଇଥିଲେ ଏବଂ ସେହି ଆହତ କାରଣରୁ ପ୍ରାଣ ହରାଇଥିଲେ । ମୃତକ ଜଣକ ରାଜ୍ୟ ସରକାରଙ୍କ ଅଧୀନରେ ଅଧୀକ୍ଷକ ଭାବେ ଜଣେ ସ୍ଥାୟୀ କର୍ମଚାରୀ ହିସାବରେ Rs. 12,239/- ଟଙ୍କା ଦରମା ସହିତ ସେବାର ଅନ୍ୟାନ୍ୟ ସୁବିଧା ସହିତ କାର୍ଯ୍ୟ କରୁଥିବାର ଆଧାରରେ, ଅଧିନିୟମ 166 ଅନୁଯାୟୀ କ୍ଷତିପୂରଣ ଦାବି କରିବା କରାଯାଇଥିଲା । ତାଙ୍କର ଆକସ୍ମିକ ମୃତ୍ୟୁ ହେତୁ, ତାଙ୍କର ଆଶ୍ରିତମାନେ ଯଥା ପ୍ରଥମ ଦାବିଦାର ବୈବାହିକ ସହଭାଗୀତା ହରାଇଲେ ଏବଂ ଦ୍ୱିତୀୟ ଏବଂ ତୃତୀୟ ଦାବିଦାର ସେମାନଙ୍କର ସ୍ନେହ ଏବଂ ଶ୍ରଦ୍ଧା ହରାଇଲେ । ବି. ଏମ୍. ଟି. ସି. ଏହି ଦାବିକୁ ବିରୋଧ କରି ଯୁକ୍ତି ଦର୍ଶାଇଥିଲେ ଯେ ଉକ୍ତ ଯାନଟି ଦୁର୍ଘଟଣାରେ ସମ୍ପୃକ୍ତ ନଥିଲା ଏବଂ ଏହା ମଧ୍ୟ ଯୁକ୍ତି ଦର୍ଶାଇଥିଲେ ଯେ ମୃତକ ମଦ୍ୟପାନ ଦ୍ୱାରା ନିଶାସକ୍ତ ଅବସ୍ଥାରେ ଥିଲେ ଯାହାର ପରିଣାମ ସ୍ୱରୂପ ସେ ନିଜେ ସନ୍ତୁଳନ ହରାଇ ତଳେ ପଡ଼ିଗଲେ, କିନ୍ତୁ ବସ୍ ତାଙ୍କୁ ଧକ୍କା ଦେଇନଥିଲା । ଏପରି ତଳେ ପଡ଼ିବା ଦ୍ୱାରା ସେ ଆହତ ହୋଇଥିଲେ ଏବଂ ସେହି ଆହତ କାରଣରୁ ପ୍ରାଣ ହରାଇଥିଲେ । ସଂକ୍ଷେପରେ, ବି. ଏମ୍. ଟି. ସି. ଉକ୍ତ ଦୁର୍ଘଟଣାର ଏକ ପ୍ରାଥମିକ କାରଣ ଭାବରେ ବସ୍ ର ସମ୍ପୃକ୍ତିକୁ ବିବାଦ କରିଥିଲେ ଏବଂ ଏହିପରି ଅପ୍ରୀତିକର କ୍ଷତିପୂରଣ ପ୍ରଦାନ କରିବା ଦାୟିତ୍ୱରୁ ନିଜକୁ ମୁକ୍ତ କରିବାକୁ ଚେଷ୍ଟା କରିଥିଲେ ।

ଏମ୍. ଏ. ସି. ଟି. ଦ୍ୱାରା ଉପସ୍ଥାପିତ ପ୍ରମାଣକୁ ବିଚାରକୁ ନେଇ ଆଶ୍ରିତ ଜନିତ କ୍ଷତିର ପରିମାଣ Rs. 10,77,032/- ଟଙ୍କା ସ୍ଥିର କରାଯାଇଥିଲା ଯେଉଁଥିରେ Rs.11,04,032/- ଟଙ୍କାର ରାଶିରେ ପହଞ୍ଚିବା ନିମିତ୍ତ ପାରମ୍ପରିକ ଶୀର୍ଷକ ଗୁଡ଼ିକ ସହିତ କେତେକ ନିର୍ଦ୍ଦିଷ୍ଟ ପରିମାଣର ରାଶି ମଧ୍ୟ ଯୋଡ଼ା ଯାଇଥିଲା । ଆବେଦନକାରୀଙ୍କ ଆଭିମୁଖ୍ୟ ଥିଲା ଯେ ମୃତକ ଙ୍କ ନିଜର ଅବହେଳା ଜନିତ କାର୍ଯ୍ୟ ଯୋଗୁଁ ଦୁର୍ଘଟଣା ଘଟିଥିଲା ଏବଂ ଏଠାରେ ବସ୍ ଚାଳକଙ୍କ ତରଫରୁ କୌଣସି ଅବହେଳା ହୋଇନଥିଲା । ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଏହା ଦାଖଲ କରାଗଲା ଯେ ମୃତକ ନିଶାସକ୍ତ ଅବସ୍ଥାରେ ଥିଲେ ଏବଂ ତେଣୁ, ତାଙ୍କ ଅବହେଳା ହେତୁ ଦୁର୍ଘଟଣା ଘଟିଲା । ଉଚ୍ଚ ନ୍ୟାୟାଳୟ ଲକ୍ଷ୍ୟ କଲେ ଯେ ଲିଖିତ ବିବୃତିରେ କୌଣସି ସତ୍ୟତା ନଥିଲା ଏବଂ ସେ ସମ୍ବନ୍ଧରେ କୌଣସି ପ୍ରମାଣ ମଧ୍ୟ ନଥିଲା । ଉଚ୍ଚ ନ୍ୟାୟାଳୟ ମଧ୍ୟ ଏହି ଆବେଦନରେ କୌଣସି ଉପାଦାନ ପାଇ ନଥିଲେ ଯେ 12 ଗୁଣକ କୁ ଉଚ୍ଚ ହାର ବିଶିଷ୍ଟ ରାଶିକୁ ପ୍ରାପ୍ତ ନିମିତ୍ତ ଗ୍ରହଣ କରାଯାଇଥିଲା । ତେଣୁ ଏହି ଆବେଦନକୁ ଖାରଜ କରିଦିଆଯାଇଥିଲା ।

4. ଏହି ଆବେଦନକୁ ସମର୍ଥନ କରି ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ନିଆଯାଇଥିବା ଆଭିମୁଖ୍ୟକୁ ଦୋହରାଯାଇଥିଲା ।

5. ଉତ୍ତରଦାତାଙ୍କର ସେବା ଜାରି ରହିଥିବା ସତ୍ତ୍ୱେ ଉତ୍ତରଦାତାଙ୍କ ତରଫରୁ କେହି ହାଜର ହୋଇନଥିଲେ ।

6. ମୃତକ ଜଣକ ନିଶାସକ୍ତ ଅବସ୍ଥାରେ ଥିବାରୁ ଦୁର୍ଘଟଣା ଘଟିଥିଲା ବୋଲି ଯେଉଁ ପର୍ଯ୍ୟନ୍ତ ଯୁକ୍ତି ରହିଛି, ସେହି ପରିପ୍ରେକ୍ଷୀରେ ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ଉଲ୍ଲେଖ କରିଛନ୍ତି ଯେ ଏହି ଯୁକ୍ତିକୁ ଯଥାର୍ଥତା ପ୍ରତିପାଦନ କରିବା ପାଇଁ କୌଣସି ଆଳ  ଏବଂ ପ୍ରମାଣର ଅନୁପସ୍ଥିତିରେ ଆବେଦନକୁ ଗ୍ରହଣ କରିବାର କୌଣସି ସୁଯୋଗ ନାହିଁ ।

7. ଗୁଣକଟି ଉଚ୍ଚ ହାର ବିଶିଷ୍ଟ ରାଶି ପାଇଁ କି ନୁହେଁ , ଏହି ପ୍ରଶ୍ନକୁ ଆସିଲେ ଜଣାପଡ଼େ ଯେ ଦୁର୍ଘଟଣା ଦିନ ମୃତକ ଙ୍କ ବୟସ ପ୍ରାୟ 53 ବର୍ଷ ଥିଲା । ତେଣୁ  ଉପଯୁକ୍ତ ଗୁଣକ 8 ହେବ । ସେହି ଆଧାରରେ ଆଶ୍ରିତଜନିତ କ୍ଷତିପୂରଣ Rs. 7,83,296/- ଟଙ୍କା ହେବ । ଯେହେତୁ ପାରମ୍ପରିକ ଶୀର୍ଷକଗୁଡିକରେ ପ୍ରଦାନ କରାଯାଇଥିବା ରାଶିକୁ କୌଣସି ଆପତ୍ତି କରାଯାଇନହିଁ, ତେଣୁ ନ୍ୟାୟାଧିକରଣ  ଦ୍ୱାରା ପ୍ରଦାନ କରାଯାଇଥିବା ଏବଂ ଉଚ୍ଚ ନ୍ୟାୟାଳୟ  ଦ୍ୱାରା ଅନୁମୋଦିତ ରାଶିକୁ Rs.70,000/- ଟଙ୍କାରେ ଧାର୍ଯ୍ୟ କରାଗଲା । କ୍ଷତିପୂରଣ ରାଶି Rs 8,53,296/- ଟଙ୍କା ସ୍ଥିର କରାଗଲା । ଦାବି କରିବା ତାରିଖ ଠାରୁ ଏହି ରାଶି ଉପରେ ବାର୍ଷିକ 6 ପ୍ରତିଶତ ହାରରେ ସୁଧ ଲାଗୁ ହେବ। ଜୁଲାଇ 10, 2008 ତାରିଖରେ ସୂଚନା ଜାରି କରିବା ସମୟରେ Rs.7,00,000/- ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯାହାକି ଜମା କରାଯାଇଛି ବୋଲି କୁହାଯାଇଛି । ବର୍ତ୍ତମାନର ରାୟ ଅନୁଯାୟୀ ବଳକା ଅର୍ଥ ଛଅ ସପ୍ତାହ ମଧ୍ୟରେ ସମ୍ପୃକ୍ତ MACT ରେ ଜମା କରାଯିବ। ସ୍ଥାୟୀ ଜମାରେ ରଖାଯିବାକୁ ଥିବା ରାଶିର ଉଠାଣ ପଦ୍ଧତି ନ୍ୟାୟାଧିକରଣଙ୍କ ଦ୍ୱାରା ସ୍ଥିର କରାଯିବ ।

8. ଆବେଦନକୁ ଫଇସଲା କରାଗଲା ।

ବି. ବି. ବି.                                                    ଆବେଦନକୁ  ଫଇସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।